# NATIONAL NEWS BULLETIN (ODIA)
## 3 October - 2025
## Evening Bulletin : 7.15 p.m.

**************************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ୬୨ ହଜାର କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ଯୁବ ପର୍ଯ୍ୟବେସିତ ଯୋଜନାଗୁଡ଼ିକର ଆସନ୍ତାକାଲି କରିବେ ଲୋକାର୍ପଣ
- ଦେଶର ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଖଦୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି; କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ
- ଆସନ୍ତା ୨୦୨୯ ମସିହା ସୁଦ୍ଧା ଦେଶର ପ୍ରତିରକ୍ଷା ରପ୍ତାନୀ ୫୦ ହଜାର କୋଟି ଟଙ୍କାରେ ପହଁଞ୍ଚିବ; ପ୍ରତିରକ୍ଷା ମନ୍ତ୍ରୀଙ୍କ ସୂଚନା
- ବିହାର ବିଧାନସଭା ନିର୍ବାଚନ ତଥା କେତେକ ରାଜ୍ୟର ଉପନିର୍ବାଚନ ନେଇ ନିଯୁକ୍ତ ପର୍ଯ୍ୟବେକ୍ଷକମାନଙ୍କ ସମୀକ୍ଷା ବୈଠକର ଅଧକ୍ଷତା କଲେ ମୁଖ୍ୟ ନିର୍ବାଚନ ଆୟୋଗ

ଏବଂ

- ଅହମ୍ମଦାବାଦ କ୍ରିକେଟ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତ ୫ ୱିକେଟ୍ ହରାଇ କରିଛି ୪୪୮ ରନ୍

## ପିଏମ୍-ୟୁଥ୍ ପ୍ରୋଜେକ୍ଟସ

ନୂଆଦିଲ୍ଲୀରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୬୨ ହଜାର କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ଯୁବ ପର୍ଯ୍ୟବେସିତ ଯୋଜନାଗୁଡ଼ିକର ଲୋକାର୍ପଣ କରିବେ। ସମଗ୍ର ଦେଶରେ ଯୁବ କୌଶଳ ବିକାଶ ପଦକ୍ଷେପ ସ୍ୱରୂପ ପ୍ରଧାନମନ୍ତ୍ରୀ ଏକ ହଜାର ସରକାରୀ ଆଇ.ଟି.ଆଇ. ଗୁଡ଼ିକର ଉନ୍ନତିକରଣ ପାଇଁ ପି.ଏମ୍.-ଏସ.ଇ.ଟି.ୟୁ.ର ଶୁଭାରମ୍ଭ କରିବେ। ଶ୍ରୀ ମୋଦୀ ଦୁଇ ବର୍ଷ ପାଇଁ ପାଞ୍ଚ ଲକ୍ଷ ସ୍ନାତକଙ୍କୁ ମାସିକ ଏକ ହଜାର ଟଙ୍କା ଭତ୍ତା ପ୍ରଦାନ କରୁଥିବା ବିହାରର ପୁର୍ନଗଠିତ ମୁଖ୍ୟମନ୍ତ୍ରୀ ନିଶ୍ଚୟ ସ୍ୱୟମ ସହାୟତା ଭତ୍ତା ଯୋଜନାର ମଧ୍ୟ ଶୁଭାରମ୍ଭ କରିବେ। ଶିଳ୍ପ ଭିତ୍ତିକ ପାଠ୍ୟକ୍ରମ ଏବଂ ଧନ୍ଦାମୂଳକ ଶିକ୍ଷାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ସେ ବିହାରରେ ଜନ ନାୟକ କର୍ପୁରୀ ଠାକୁର ଦକ୍ଷତା ବିଶ୍ୱବିଦ୍ୟାଳୟର ଉଦଘାଟନ କରିବେ। ପ୍ରଧାନମନ୍ତ୍ରୀ’ ବିହାରର ଚାରୋଟି ବିଶ୍ୱବିଦ୍ୟାଳୟରେ ନୂତନ ପାଠ୍ୟକ୍ରମ ଏବଂ ଗବେଷଣା ସୁବିଧା ଥିବା ଅଟ୍ଟାଳିକାର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହାସହ ପାଟନା ସ୍ଥିତ ଏନ.ଆଇ.ଟି’ର ନୂତନ କ୍ୟାମ୍ପସକୁ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଶ୍ରୀ ମୋଦୀ’ ୩୪ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର

ନବୋଦୟ ବିଦ୍ୟାଳୟ ଏବଂ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ସ୍ଥାପିତ ଏକ ହଜାର ଦୁଇ ଶହ ଧନ୍ଦାମୂଳକ ଦକ୍ଷତା ପରୀକ୍ଷାଗାରକୁ ମଧ୍ୟ ଉଦଘାଟନ କରିବେ । ସେ କୌଶଳ ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ଆଇ.ଟି.ଆଇ.ରେ ସର୍ବଶ୍ରେଷ୍ଠ କୃତୀ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ସମ୍ବର୍ଦ୍ଧନା କରିବାର କାର୍ଯ୍ୟସୂଚୀ ରହିଛି ।

## ଅମିତ ଶାହା– ହରିୟାଣା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଭାରତ ଏକ ବିକଶିତ ରାଷ୍ଟ୍ର ହେବା ଦିଗରେ ଅଗ୍ରସର ହେଉଛି । ଯେତେବେଳେ ଦେଶ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରାଯିବ, ସେତେବେଳେ ଏଥିରେ ଖଦିର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିବ । ସ୍ୱରାଷ୍ଟ୍ର ମନ୍ତ୍ରୀ' ଆଜି ରୋହତକର ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ 'ଖଦି କାରିଗର ମହୋତ୍ସବ'ରେ ଯୋଗଦେଇ କାରିଗରମାନଙ୍କ ସହ ଭାବ ବିନିମୟ କରିଛନ୍ତି । ସେ କହିଛନ୍ତି, ଦେଶର ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଖଦିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଖଦି ଗ୍ରାମୋଦ୍ୟୋଗ' ଲକ୍ଷ ଲକ୍ଷ ବୁଣାକାରଙ୍କ ପାଇଁ ଏକ ସୁଦୃଢ଼ ମଞ୍ଚରେ ପରିଣତ ହୋଇଛି ବୋଲି ଶ୍ରୀ ଶାହା କହିଛନ୍ତି ।

ସ୍ୱରାଷ୍ଟ୍ର ମନ୍ତ୍ରୀ ହରିୟାଣାର ପଞ୍ଚକୁଲାରେ ନବନିର୍ମିତ ଖଦି ଗ୍ରାମୋଦ୍ୟୋଗ ଆୟୋଗ କାର୍ଯ୍ୟାଳୟ ଏବଂ ଗୋଦାମ ସମେତ

ପି.ଏମ.ଇ.ଜି.ପି କେନ୍ଦ୍ର, କେନ୍ଦ୍ରୀୟ ପୁଣେ ପ୍ଲାଣ୍ଟ ଏବଂ ଖଦି ଗ୍ରାମୋଦ୍ୟୋଗ ଭବନକୁ ଆଭାସୀ ମାଧ୍ୟମରେ ଉଦଘାଟନ କରିଛନ୍ତି। ସ୍ୱାଧୀନତା ସମୟରେ ପରିକଳ୍ପିତ ସ୍ୱରାଜର ପରିକଳ୍ପନା ସ୍ୱଦେଶୀ ଏବଂ ମାତୃଭାଷା ବିନା ଅସମ୍ପୂର୍ଣ୍ଣ ବୋଲି ଶ୍ରୀ ଶାହା କହିଛନ୍ତି। ଏକ ଆତ୍ମନିର୍ଭରଶୀଳ ଭାରତର ପରିକଳ୍ପନା ଏବଂ ସ୍ୱଦେଶୀ ସ୍ଲୋଗାନ ପ୍ରତ୍ୟେକ ଭାରତୀୟଙ୍କ ମନୋବଳକୁ ବୃଦ୍ଧି କରିବ ବୋଲି ସେ କହିଛନ୍ତି। ନିକଟରେ ପ୍ରଧାନମନ୍ତ୍ରୀ ୩୯୫ରୁ ଅଧିକ ସାମଗ୍ରୀ ଉପରେ ଜିଏସଟି ହ୍ରାସ କରି ଦୀପାବଳି ଉପହାର ଦେଇଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅଭିହିତ କରିଛନ୍ତି।

## ରାଜନାଥ- ହାଇଦ୍ରାବାଦ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଆସନ୍ତା ୨୦୨୯ ମସିହା ସୁଦ୍ଧା ଦେଶର ପ୍ରତିରକ୍ଷା ରପ୍ତାନୀ ୫୦ ହଜାର କୋଟି ଟଙ୍କାରେ ପହଁଞ୍ଚିବ। ଯାହା ବର୍ତ୍ତମାନ ୨୪ ହଜାର କୋଟି ଟଙ୍କାରେ ରହିଛି। ସେ କହିଛନ୍ତି, ୧୧ ବର୍ଷ ପୂର୍ବରୁ ଏ କ୍ଷେତ୍ରରେ ହେଉଥିବା ରପ୍ତାନୀ ମୂଲ୍ୟ ୬୦୦ କୋଟି ଟଙ୍କା ଥିଲା। ସେହି ଦିନ ଅଧିକ ଦୂର ନୁହେଁ, ଯେଉଁ ଦିନ ଭାରତ ବିଶ୍ୱରେ ଏଥିରେ ତାର ଉତ୍କୃଷ୍ଟତା ପ୍ରଦର୍ଶନ କରିବ। ପ୍ରତିରକ୍ଷା ମନ୍ତ୍ରୀ, ହାଇଦ୍ରାବାଦଠାରେ ଅନୁଷ୍ଠିତ ତିନିଦିନିଆ ଜେନ୍ ଆନ୍ତର୍ଜାତିକ ବ୍ୟବସାୟ ସଂଗଠନ- ଜିଟୋରେ ଯୋଗଦେବା ଅବସରରେ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି.କିଶନ ରେଡ୍ଡୀ ଯୋଗଦେଇ କହିଛନ୍ତି, ପ୍ରତିରକ୍ଷା କ୍ଷେତ୍ରରେ ହେଉଥିବା ରପ୍ତାନୀ

ଆତ୍ମନିର୍ଭରଭାରତର ଲକ୍ଷ୍ୟକୁ ସାକାର କରି ଦେଶ ବାସ୍ତବରେ ଆତ୍ମନିର୍ଭର ହୋଇପାରିଛି। ସେହିପରି ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ୬୪ ପ୍ରତିଶତ ପ୍ରତିରକ୍ଷା ସାମଗ୍ରୀଗୁଡ଼ିକ ନିର୍ମାଣ କରାଯାଇ ବିଦେଶକୁ ରପ୍ତାନୀ କରାଯାଇପାରୁଛି। ଭାରତ ନିର୍ମିତ ତେଜସ୍ ଲାଇଟ୍ କମ୍ବାଟ୍ ଏୟାରକ୍ରାପ୍ଟର ୬୪ ପ୍ରତିଶତ ଯନ୍ତ୍ରାଂଶ ଗୁଡ଼ିକ ଭାରତରେ ନିର୍ମାଣ କରାଯାଉଛି। ଆସନ୍ତା ୨୦୩୦ ସୁଦ୍ଧା ଦେଶ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୈତିକ ଦେଶ ଭାବେ ଉଭା ହେବ ବୋଲି ସେ ଆଶାବ୍ୟକ୍ତ କରି କରିଛନ୍ତି। ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ଭାରତରେ ଖେଳନାଠାରୁ ଆରମ୍ଭ କରି ଟ୍ୟାଙ୍କ ପର୍ଯ୍ୟନ୍ତ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମାଣ କରାଯାଉଛି। ସରକାର ନାଗରିକମାନଙ୍କୁ ସୁରକ୍ଷା ଦେବାକୁ ତଥା ସେମାନଙ୍କ ଏକତାକୁ ସୁଦୃଢ଼ କରିବାକୁ ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ଇସି- ସେଣ୍ଟ୍ରାଲ ଅବଜରଭର୍ସ

ଦେଶର ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାର  ସମସ୍ତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନଙ୍କୁ ସବୁ ରାଜନୈତିକ ଦଳ ପ୍ରାର୍ଥୀ ତଥା ମତଦାତାମାନଙ୍କୁ ଅଭିଯୋଗକୁ ଠିକ୍ ଭାବେ ଶୁଣିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିହାରରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନ ତଥା କେତେକ ରାଜ୍ୟରେ ଅନୁଷ୍ଠିତ ହେବାକୁ ଥିବା ଉପନିର୍ବାଚନରେ ଏହି କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନଙ୍କୁ ନିଯୁକ୍ତ କରାଯିବ। ଶ୍ରୀ କୁମାର କହିଛନ୍ତି,

ଏହି ନିର୍ବାଚନ ପର୍ଯ୍ୟବେକ୍ଷକମାନେ ଗଣତନ୍ତ୍ରର ମାର୍ଗଦର୍ଶକ ଅଟନ୍ତି । ସମସ୍ତ ପର୍ଯ୍ୟବେକ୍ଷକମାନଙ୍କୁ ମୁଖ୍ୟ ନିର୍ବାଚନ ଆୟୋଗ ମତଦାନ କେନ୍ଦ୍ରଗୁଡ଼ିକୁ ବୁଲି ଦେଖିବାକୁ ନିର୍ଦ୍ଦେଶ ଦେବା ସହ ମତଦାତାମାନଙ୍କୁ ଯେପରି ଅସୁବିଧା ନ ହୁଏ, ଏହାର ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ କହିଛନ୍ତି । ନିର୍ବାଚନ ସମ୍ବନ୍ଧୀୟ ଆଇନ, ନିୟମ ତଥା ନିର୍ଦ୍ଦେଶାବଳୀ ସମ୍ପର୍କରେ ପର୍ଯ୍ୟବେକ୍ଷକମାନେ ସଠିକ୍ ଜ୍ଞାନ ଆହରଣ କରି ଏହାକୁ ଅନୁପାଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି ।  ନୂଆଦିଲ୍ଲୀରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ୨୮୭ ଜଣ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ, ୫୮ ଜଣ ଭାରତୀୟ ପୁଲିସ ସେବା ଅଧିକାରୀ ତଥା ୮୦ ଜଣ ଅଧିକାରୀମାନେ ଯୋଗ ଦେଇଥିଲେ ।  ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରିବାକୁ ନିର୍ବାଚନ ଆୟୋଗ ଏହି ପର୍ଯ୍ୟବେକ୍ଷକମାନଙ୍କୁ ନିଯୁକ୍ତି ଦେଇଛନ୍ତି । କ୍ଷେତ୍ର ସ୍ତରରେ ନିର୍ବାଚନ ପ୍ରକ୍ରିୟା ଏବଂ ପରିଚାଳନାର ସଠିକ୍ ଅନୁପାଳନ ହେଉଛି କି ନାହିଁ ତାହା ଅନୁଧ୍ୟାନ କରିବାକୁ ସେମାନଙ୍କୁ ନିଯୁକ୍ତି ଦିଆଯାଇଛି ।

## ଏମ୍ଇଏ ବ୍ରିଫିଂ

ପାକିସ୍ତାନ ଅଧିକୃତ ଜାମ୍ମୁ ଓ କାଶ୍ମୀରରେ ମାନବାଧିକାର ଉଲ୍ଲଂଘନ ପାଇଁ ପାକିସ୍ତାନକୁ ଭାରତ' ଉତ୍ତରଦାୟୀ କରାଯିବା ଉଚିତ ବୋଲି କହିଛି । ନୂଆଦିଲ୍ଲୀରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ'

ପାକିସ୍ତାନ ଅଧିକୃତ ଜାମ୍ମୁ ଓ କାଶ୍ମୀରର ବିଭିନ୍ନ ଅଞ୍ଚଳରେ ହୋଇଥିବା ବିକ୍ଷୋଭ ପ୍ରତିବାଦର ରିପୋର୍ଟ ଉପରେ ଆଲୋକପାତ କରିଛନ୍ତି। ଯେଉଁଥିରେ ନିରୀହ ନାଗରିକଙ୍କ ଉପରେ ପାକିସ୍ତାନୀ ସେନା ଦ୍ୱାରା ବର୍ବରତା କରାଯାଇଥିବା ସେ କହିଛନ୍ତି। ଶ୍ରୀ ଜୟସ୍ୱାଲ କହିଛନ୍ତି, ପାକିସ୍ତାନ ସେ ଅଞ୍ଚଳରେ ରହୁଥିବା ଅଧିବାସୀମାନଙ୍କ ଉପରେ ଅତ୍ୟାଚାର କରି ସେମାନଙ୍କର ସମ୍ପତ୍ତିକୁ ବଳପୂର୍ବକ ଦଖଲ କରୁଥିବାରୁ ସ୍ଥାନୀୟ ଲୋକମାନେ ପ୍ରତିବାଦ କରୁଛନ୍ତି ବୋଲି  ଭାରତ କହିଛି। ବାଂଲାଦେଶର ସ୍ୱରାଷ୍ଟ୍ର ଉପଦେଷ୍ଟା ଜାହାଙ୍ଗୀର ଆଲମ ଚୌଧୁରୀ କହିଛନ୍ତି,  ଦେଶରେ ଦେଖାଦେଇଥିବା ସାମ୍ପ୍ରତିକ ଅସ୍ଥିରତା ପାଇଁ ଭାରତ ଦାୟୀ। ଅପରପକ୍ଷରେ ଶ୍ରୀ ଜୟସ୍ୱାଲ, ଏହାକୁ ମିଥ୍ୟା ଏବଂ ଭିତ୍ତିହୀନ ବୋଲି କହିବା ସହ ବାଂଲାଦେଶର ଅନ୍ତରୀଣ ସରକାର ଆଇନ ଶୃଙ୍ଖଳା ବଜାୟ ରଖିବାରେ ଅସମର୍ଥ ବୋଲି କହିଛନ୍ତି। ତେଣୁ ସେ ନିୟମିତ ଭାବେ ଦୋଷ ଅନ୍ୟ ଉପରେ ଦୋଷ କାହାକୁ ଲଦୁଛନ୍ତି ବୋଲି ଶ୍ରୀ ଜୟସ୍ୱାଲ ମନ୍ତବ୍ୟ ଦେଇଛନ୍ତି।

## ଟ୍ରାଇ- ଡିଜିଟାଲ ରେଡିଓ

ଭାରତୀୟ ଦୂରସଂଚାର ନିୟାମକ ପ୍ରାଧିକରଣ—ଟ୍ରାଇ ଆଜି ଘରୋଇ ରେଡିଓ ପ୍ରସାରଣକାରୀଙ୍କ ପାଇଁ ଏକ ଡିଜିଟାଲ୍ ରେଡିଓ ପ୍ରସାରଣ ନୀତି ପ୍ରସ୍ତୁତ କରିବା ଉପରେ ପ୍ରସ୍ତାବ ଦେଇଛନ୍ତି। ପ୍ରାଧିକରଣ ପକ୍ଷରୁ, ଏ + ବର୍ଗ ଶ୍ରେଣୀ ବର୍ଗରେ ୪ଟି ସହର' ଦିଲ୍ଲୀ, ମୁମ୍ବାଇ, କୋଲକାତା ଏବଂ ଚେନ୍ନାଇ

ତଥା ଏ’ ଶ୍ରେଣୀ ବର୍ଗର ୯ଟି ସହର, ହାଇଦ୍ରାବାଦ, ବେଙ୍ଗାଲୁରୁ, ଅହମ୍ମଦାବାଦ, ସୁରଟ, ପୁଣେ, ଜୟପୁର, ଲକ୍ଷ୍ନୌ, କାନପୁର ଏବଂ ନାଗପୁରରେ ଡିଜିଟାଲ ରେଡିଓ ପ୍ରସାରଣ ସେବା ଆରମ୍ଭ କରିବାକୁ ପ୍ରସ୍ତାବ ଦେଇଛି ।

ଡିଜିଟାଲ ରେଡିଓ ପ୍ରସାରଣ ପାଇଁ ଏହାର ଅବଧି ୧୫ ବର୍ଷ ହେବା ଉଚିତ ବୋଲି ପ୍ରାଧିକରଣ ପକ୍ଷରୁ କୁହାଯାଇଛି । ପ୍ରସାର ଭାରତୀ ଏହାର ଜମି ଏବଂ ଟାୱାର ଭିତ୍ତିଭୂମି ତଥା ସାଧାରଣ ପ୍ରସାରଣ ଭିତ୍ତିଭୂମିକୁ ଘରୋଇ ପ୍ରସାରଣକାରୀଙ୍କ ସହ ରିହାତି ଭଡ଼ା ଆଧାରରେ ଅଂଶୀଦାର ସ୍ୱରୂପ କରିବା ଉଚିତ ଏବଂ ପରିଚାଳନା ଖର୍ଚ୍ଚକୁ ବହନ କରିବାକୁ ସେମାନଙ୍କୁ ପଡ଼ିବ ବୋଲି କହିଛନ୍ତି । ଏ’ ପ୍ଲସ୍ ବର୍ଗର ଚାରୋଟି ସହର ଏବଂ ‘ଏ’ ବର୍ଗର ନଅଟି ସହର ଏବଂ ସାର୍ବଜନୀନ ଡୋମେନରେ ସ୍ଥାନ ପାଇଁ ଏକକ ଜ୍ଞାନକୌଶଳର ଏହି ଯୋଜନା ପ୍ରସ୍ତୁତ କରିବାକୁ ଟ୍ରାଇ ପ୍ରସ୍ତାବ ଦେଇଛି । ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଗତ ବର୍ଷ ଘରୋଇ ରେଡିଓ ପ୍ରସାରଣକାରୀଙ୍କ ପାଇଁ ଡିଜିଟାଲ ରେଡିଓ ପ୍ରସାରଣ ନୀତି ପ୍ରସ୍ତୁତ କରିବାକୁ ଟ୍ରାଇଠାରୁ ପ୍ରସ୍ତାବ ମାଗିଥିଲା ।

## କ୍ରିକେଟ୍ - ଇଣ୍ଡିଆ-ୱେଷ୍ଟଇଣ୍ଡିଜ୍

ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଚାଲିଥିବା ଦୁଇ ମ୍ୟାଚ୍ ସିରିଜ୍‌ର ପ୍ରଥମ ଟେଷ୍ଟର ଆଜି ଦ୍ୱିତୀୟ ଦିନହ ଖେଳରେ ଭାରତ ୫ ୱିକେଟ ହରାଇ ୪୪୮ ରନ୍ ସଂଗ୍ରହ କରିଛି । ଧ୍ରୁବ ଜୁଏଲ, ରବୀନ୍ଦ୍ର ଜାଡେଜା ଏବଂ କେ.ଏଲ୍ ରାହୁଲଙ୍କ ଶତକୀୟ ଇନିଂସ ବଳରେ ଭାରତ

ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୨୮୬ର ରନ୍‌ରେ ଆଗୁଆ ରହିଛି । ଷ୍ଟମ୍ପ୍ ଅପସାରଣ ବେଳକୁ ଜାଡେଜା ୧୦୪ ରନ୍ ଏବଂ ୱାଶିଂଟନ ସୁନ୍ଦର ୯ ରନ୍ କରି କ୍ରିଜ୍‌ରେ ଅପରାଜିତ ଅଛନ୍ତି । ଜୁଏଲ୍ ୧୨୫ ରନ୍ କରିଥିବା ବେଳେ ରାହୁଲ ୧୦୦ ରନ୍ ସଂଗ୍ରହ କରିଥିଲେ । ପୂର୍ବରୁ ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସରେ ସମସ୍ତ ୱିକେଟ୍ ହରାଇ ମାତ୍ର ୧୬୨ ରନ୍ କରିବାକୁ ସମର୍ଥ ହୋଇଥିଲା ।